R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୫୨
ତିଥି : ଏକାଦଶୀ
୦୬ ମାର୍ଚ୍ଚ ୨୦୨୪, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 152
06 March 2024, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore




### ୧୯ ହଜାର ୬୦୦ କୋଟିର ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କଲେ ପ୍ରଧାନମନ୍ତ୍ରୀ

# ପୂର୍ବ ଭାରତରେ ରହିଛି ପ୍ରଚୁର ପ୍ରାକୃତିକ ସମ୍ପଦ : ମୋଦି

ଚଣ୍ଡିଖୋଲ ୫।୩ (ସବ୍ୟୁ) : ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ଭାରତବର୍ଷ ଏବେ ବିଶ୍ୱରେ ୫ମ ବୃହତ ରାଷ୍ଟ୍ର ଭାବେ ଅଭିହିତ ହେଉଛି। ଯେଉଁ ଧାରାରେ ଦେଶର ବିକାଶ ଓ ଅର୍ଥ ନୈତିକ ବିକାଶ ଘଟୁଛି ତାହାକୁ ଆଧାର କରି ଖୁବ୍ ଶିଘ୍ର ଭାରତ ବର୍ଷ ବିଶ୍ୱର ତୃତୀୟ ଅର୍ଥ ନୈତିକ କ୍ଷମତାଶାଳୀ ରାଷ୍ଟ୍ର ଭାବେ ପରିଗଣିତ ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ବାର୍ତ୍ତା ଦେଇଛନ୍ତି।




ମାର୍ଚ୍ଚ ୫ ତାରିଖ ଦିନ ଓଡ଼ିଶାରେ ଆରମ୍ଭ ହୋଇଥିବା ୧୯ ହଜାର ୬ଶହ କୋଟି ଟଙ୍କାର କେନ୍ଦ୍ରୀୟ ପ୍ରକଳ୍ପ ଗୁଡିକର ଶିଳାନ୍ୟାସ ଉଦ୍‌ଘାଟନ ଓ ଲୋକାର୍ପଣ କରି ପ୍ରଧାନମନ୍ତ୍ରୀ କହିଲେ ଓଡ଼ିଶାକୁ ପୂର୍ବ ଭାରତର ବିକାଶ ଧାରାରେ ଏବେ ଯୋଡ଼ାଯାଇଛି। ତେଣୁ ଦେଶର ଅର୍ଥ ନୈତିକ ଅଭିବୃଦ୍ଧି ସହିତ ଓଡ଼ିଶାର ବିକାଶ ଶୀର୍ଷକୁ ଛୁଉଁଥିବା ଏବେ ପରିଲକ୍ଷିତ ହେଉଛି । ପେଟ୍ରୋଲିୟମ୍, ପ୍ରାକୃତିକ ଗ୍ୟାସ୍ ଓ (୯ ପୃଷ୍ଠାରେ)

# କଳିଙ୍ଗନଗର ଏବେ ଦେଶର ଇସ୍ପାତ ହବ୍ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୫।୩ : ଆଜି ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କ ଜନ୍ମ ଦିବସ । ଏହିଅବସରରେ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ବିଜୁବାବୁ ଜଣେ ଦୂରଦୃଷ୍ଟି ସମ୍ପର୍ଣ୍ଣ ନେତାଥିଲେ । ଦେଶ ଓ ଏପରିକି ବିଦେଶ ସ୍ୱାଧୀନତା ସଂଗ୍ରାମରେ ମଧ୍ୟ ନିଜର ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛନ୍ତି । ଓଡିଶାର ଉନ୍ନତି ତଥା ଓଡିଆ ଜାତିର ଉନ୍ନତି ପାଇଁ କାମ କରିଛନ୍ତି । ୧୯୯୦ରେ ସେ କଳିଙ୍ଗନଗରକୁ ଶିଳ୍ପ ହବ୍ କରିବା ପାଇଁ ବିଜୁବାବୁ ଚିନ୍ତା କରିଥିଲେ । ଆଜି କଳିଙ୍ଗନଗର ଦେଶର ଷ୍ଟିଲ ହବ୍ ହୋଇପାରିଛି । କେବଳ ଓଡିଶା ନୁହେଁ ସାରା ଦେଶ ଏଥିରୁ ଲାଭ ପାଉଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ।

ଚଣ୍ଡିଖୋଲରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଖୁସିର କଥା ପ୍ରଧାନମନ୍ତ୍ରୀ ନରେନ୍ଦ ମୋଦି ଆମ ସହିତ ଅଛନ୍ତି । ମୁଁ ତାଙ୍କୁ ଓଡିଶାରେ ସ୍ୱାଗତ କରୁଛି । ପ୍ରଧାନମନ୍ତ୍ରୀ ଦେଶକୁ ଏକ ନୂଆ ଦିଶା ଦେଖାଇଛନ୍ତି । ସେ ଭାରତକୁ ଆର୍ଥିକ ଶକ୍ତିକେନ୍ଦ୍ର କରିବାରେ ପଦକ୍ଷେପକୁ ତ୍ୱରାନ୍ୱିତ କରିଛନ୍ତି । ଭାରତ ଏବେ ୫ମ ବୃହତ୍ତ ଅର୍ଥନୀତି ରାଷ୍ଟ୍ର ହୋଇଛି । କିଛି ବର୍ଷ ମଧ୍ୟରେ ୩ନଂ ସ୍ଥାନକୁ ଯିବ । ପ୍ରଧାନମନ୍ତ୍ରୀ ଆଜି ଓଡିଶା ଲାଗି ଅନେକ ପ୍ରକଳ୍ପ ଆରମ୍ଭ କଲେ । ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥ ସହ ଅନେକ ଜାତୀୟ ରାଜପଥର ସମ୍ପ୍ରସାରଣ ଡିସାଲିନେଶନ ପ୍ଲାଣ୍ଟ, ଏଲପିଜି ଟର୍ମିନାଲ, ଗ୍ୟାସ ପାଇପଲାଇନ, ନୂଆ ଟ୍ରେନ୍ ଭଳି ପ୍ରକଳ୍ପ ଆରମ୍ଭ କରିଥିବାରୁ ତାଙ୍କୁ ଧନ୍ୟବାଦ ଦେଉଛି । ଓଡିଶାର ବିକଶାକୁ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଉଛନ୍ତି ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଜି ଓଡିଶା ପୂର୍ବ ଭାରତର ଏକ ବୃହତ୍ତ ଉତ୍ପାଦନ ହବ୍ ହେବାକୁ ଯାଉଛି । ଭିତ୍ତିଭୂମି ବିକାଶ ସହ ସାମାଜିକ ଓ (୯ ପୃଷ୍ଠାରେ)

